# ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ

## ମହାମାୟୀ ମହିଳା ମହାବିଦ୍ୟାଳୟ

## ବ୍ରହ୍ମପୁର (ଗଞ୍ଜାମ)






ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଆପଣଙ୍କୁ ସ୍ୱାଗତ ଜଣାଉଛି ।

# ବିଭାଗ ସମ୍ପର୍କରେ ସୂଚନା

- ମହାମାୟୀ ମହିଳା ମହାବିଦ୍ୟାଳୟ, ଓଡ଼ିଶାର ଗଞ୍ଜାମ ଜିଲ୍ଲାର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବରେ ପରିଚିତ ।
- ଏହାର ଯୁକ୍ତତିନି ସ୍ନାତକଶ୍ରେଣୀ ବାଧ୍ୟତାମୂଳକ ଓ ପାସ୍ ବିଷୟ ଭାବରେ ୧୯୯୦-୧୯୯୧ ମସିହାରେ ଆରମ୍ଭ ହୋଇଥିଲା ଏବଂ ଓଡ଼ିଆ ସମ୍ମାନ ୧୯୯୮-୧୯୯୯ ମସିହାରୁ ଆରମ୍ଭ ହୋଇଥିଲା ।
- ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ଓଡ଼ିଆ ସମ୍ମାନର ପାଠ୍ୟଖସଡ଼ା, ଯାହା ଶିକ୍ଷାର୍ଥୀମାନଙ୍କୁ ଜ୍ଞାନ ପ୍ରଦାନ କରିବାପାଇଁ ବିଭିନ୍ନ ଶିକ୍ଷାଦାନ ପ୍ରଣାଳୀ ଆପଣେଇଛି । ଯାହାକି ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ବୃତ୍ତିଗତ ଦକ୍ଷତା ଓ ସଶକ୍ତିକରଣରେ ସହାୟକ ହୋଇଥାଏ ।
- ନିଯୁକ୍ତି ଓ ନୈତିକତା ମୂଲ୍ୟବୋଧ ବଢ଼ାଇବା ପାଇଁ ବିଭାଗ ସ୍ନାତକ ସ୍ତରରେ ସମ୍ମାନ ଓ ଚୟନକାରୀ ବିଷୟ ପ୍ରଦାନ କରିଥାଏ ।

## ଦୃଷ୍ଟି

- ଓଡ଼ିଆ ଭାଷା, ଦେଶର ଭାଷାମାନଙ୍କ ମଧ୍ୟରେ ଅନ୍ୟତମ ।
- ଏହା ଶାସ୍ତ୍ରୀୟଭାଷା ଭାବରେ ସ୍ୱୀକୃତି ପ୍ରାପ୍ତ ହୋଇଥିବାରୁ ଏହା ତ୍ରୁଟିହୀନ ତଥା ମୌଳିକତା ବୈଶିଷ୍ଟ୍ୟତା ଥିବା ଯୋଗୁଁ ସାହିତ୍ୟରେ ଏହାକୁ ପାଠ୍ୟକ୍ରମ ଭାବେ ସ୍ଥାନିତ କରାଯାଇଛି ।

## ଲକ୍ଷ୍ୟ

- ଓଡ଼ିଆ ଭାଷା ସାହିତ୍ୟର ସବିଶେଷ ତଥ୍ୟ ପ୍ରଦାନ କରିବା ।
- ଓଡ଼ିଆ ସାହିତ୍ୟର ମୌଳିକଧାରଣା ସମ୍ବନ୍ଧରେ ଅବଗତ କରାଇବା ।
- ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ସୃଜନଶୀଳଲେଖା ଦକ୍ଷତାର ବିକାଶ କରିବା ।
- ମନର ଭାବନାକୁ ପରିପ୍ରକାଶ କରିବା ।
- ଓଡ଼ିଶାର ସାଂସ୍କୃତିକ ଏବଂ ଐତିହାସିକ ପରମ୍ପରା ସଂପର୍କରେ ଅବଗତ ହୋଇପାରିବା ।
- ଚିନ୍ତନଶୀଳତାର ବିକାଶ କରିବା ।

## ବିଭାଗର ଗୁରୁତ୍ୱ

- ରାଜ୍ୟର ଶୈକ୍ଷିକ ବ୍ୟବସ୍ଥାରେ ଓଡ଼ିଆ ଭାଷାର ଶିକ୍ଷାଦାନ ହେଉଛି ଗୁରୁତ୍ୱପୂର୍ଣ୍ଣ ।
- ଏହି ଦିଗରେ ଆମ ଓଡ଼ିଆ ବିଭାଗ ବ୍ୟବହାରିକ ଶିକ୍ଷା ସହିତ ମୂଲ୍ୟବୋଧଭିତ୍ତିକ ଶିକ୍ଷା ଉପରେ ବିଶ୍ୱାସ କରେ, ଏହି ପରିପ୍ରେକ୍ଷୀରେ ଆମ୍ଭ ଓଡ଼ିଆ ବିଭାଗ ଉପଯୁକ୍ତ ଏବଂ ଅଭିନବ କୌଶଳ ଅବଲମ୍ବନ କରିଅଛୁ ।

## ପାଠ୍ୟକ୍ରମର ନିଷ୍କର୍ଷ

- ଅତ୍ୟାଧୁନିକ ଭାଷା ଏବଂ ସାହିତ୍ୟ ସମ୍ବନ୍ଧୀୟ ଜ୍ଞାନ ପ୍ରଣାଳୀ ଏବଂ ସାଂପ୍ରତିକ ସମୟର ବ୍ୟବହାରକୁ ବିଚାର କରି ଏହି ପାଠ୍ୟକ୍ରମ ପ୍ରସ୍ତୁତ କରାଯାଇଛି ।

# ବିଭାଗର ଅଧ୍ୟାପକ-ଅଧ୍ୟାପିକା

## ଡ. ସୁଜାତା ତ୍ରିପାଠୀ



| | |
|---|---|
| ଦୂରଭାଷ | : ୮୨୪୯୧୦୮୫୪୪ |
| ଇ-ମେଲ୍ | : tripathysujata9@gmail.com |
| ଶିକ୍ଷାଗତ ଯୋଗ୍ୟତା | : ଏମ୍.ଏ, ଏମ୍.ଫିଲ୍, ପିଏଚ୍.ଡ଼ି |
| ପଦବୀ | : ଅଧ୍ୟାପିକା (ଓଡ଼ିଆ ବିଭାଗ)<br>ବିଭାଗ ମୁଖ୍ୟ |
| ଅଧ୍ୟାପନା ଅଭିଜ୍ଞତା | : ୨୫ ବର୍ଷ |
| ସ୍ୱତନ୍ତ୍ର ପତ୍ର ଅଭିଜ୍ଞତା | : ସାରଳା ଓ ପଞ୍ଚସଖା ସାହିତ୍ୟ |
| ଆକାଶବାଣୀରେ ଅଂଶଗ୍ରହଣ | : ୦୫ |
| ରିଫ୍ରେସର ପାଠ୍ୟକ୍ରମରେ ଯୋଗଦାନ | : ୦୨ |
| ଆଭିମୁଖୀକରଣ କାର୍ଯ୍ୟକ୍ରମରେ ଯୋଗଦାନ | : ୦୧ |
| ପାଠଚକ୍ରରେ ଯୋଗଦାନ | : ୦୩ |



# ଶ୍ରୀ ତପନ କୁମାର ମାଝୀ

| | |
|---|---|
| ଦୂରଭାଷ | : ୯୫୫୬୫୫୫୨୫୩ |
| ଇ-ମେଲ୍ | : mantumajhi274@gmail.com |
| ଶିକ୍ଷାଗତ ଯୋଗ୍ୟତା | : ଏମ୍.ଏ, ଏମ୍.ଫିଲ୍ |
| ପଦବୀ | : ଅଧ୍ୟାପକ (ଓଡ଼ିଆ ବିଭାଗ) |
| ଅଧ୍ୟାପନା ଅଭିଜ୍ଞତା | : ୧ ବର୍ଷ |
| ସ୍ୱତନ୍ତ୍ର ପତ୍ର ଅଭିଜ୍ଞତା | : ଲୋକ ସାହିତ୍ୟ (ଆଦିବାସୀ ସଂସ୍କୃତି) |



# ଶ୍ରୀମତୀ ଧରିତ୍ରୀ ସାହୁ

| | |
|---|---|
| ଦୂରଭାଷ | : ୮୮୯୫୨୯୪୯୨୦ |
| ଇ-ମେଲ୍ | : dharitreesahoo1986@gmail.com |
| ଶିକ୍ଷାଗତ ଯୋଗ୍ୟତା | : ଏମ୍.ଏ, ଏମ୍.ଫିଲ୍ |
| ପଦବୀ | : ଅଧ୍ୟାପିକା (ଓଡ଼ିଆ ବିଭାଗ) |
| ଅଧ୍ୟାପନା ଅଭିଜ୍ଞତା | : ୭ ବର୍ଷ |
| ସ୍ୱତନ୍ତ୍ର ପତ୍ର ଅଭିଜ୍ଞତା | : ନାଟକ |

| ପର୍ଯ୍ୟାୟ | ପାଠ୍ୟକ୍ରମ | ପାଠ୍ୟକ୍ରମ ର ନାମ | କ୍ରେଡିଟ୍ | ମୋଟ ମାର୍କ | କାର୍ଯ୍ୟକ୍ରମ ଫଳାଫଳ |
|---|---|---|---|---|---|
| ପ୍ରଥମ ପର୍ଯ୍ୟାୟ | C-1 | ପ୍ରାଚୀନ ଓଡ଼ିଆ ସାହିତ୍ୟର ଇତିହାସ | ୬ | ୧୦୦ | ପ୍ରାକ୍ ସାରଳା ସାହିତ୍ୟରେ ଚର୍ଯ୍ୟାଗୀତିକା ଓ ନାଥସାହିତ୍ୟର ସାମାଜିକ, ଧାର୍ମିକ, ସାହିତ୍ୟିକ ଓ ଭାଷାତାତ୍ତ୍ୱିକ ମୂଲ୍ୟାୟନ ସଂପର୍କରେ ଛାତ୍ରୀମାନେ ଅବଗତ ହେବା ସହିତ ସାରଳା ସାହିତ୍ୟ ଓ ପଞ୍ଚସଖା ସାହିତ୍ୟ ସଂପର୍କରେ ମଧ ବିଶେଷ ସୂଚନା ପାଇପାରିବେ । |
| | C-2 | ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ | ୬ | ୧୦୦ | ମଧ୍ୟଯୁଗୀୟ ଓଡ଼ିଆ କାବ୍ୟର ଆଙ୍ଗିକ, ଆତ୍ମିକ ଓ ଗୀତି ପରମ୍ପରା ସଂପର୍କରେ ଛାତ୍ରୀମାନେ ବିଶେଷ ଜ୍ଞାନ ଆହରଣ କରିପାରିବେ । |
| | GE-I | ଗଣମାଧ୍ୟମ ବେତାରକଳା ଓ ବିଜ୍ଞାପନକଳା | ୬ | ୧୦୦ | ଗଣମାଧ୍ୟମ, ବେତାରକଳା ଓ ବିଜ୍ଞାପନକଳା ଏବଂ ପତ୍ରଲିଖନ ସମ୍ବନ୍ଧରେ ସୂଚନା ପାଇପାରିବେ । |
| ଦ୍ୱିତୀୟ ପର୍ଯ୍ୟାୟ | C-3 | ଆଧୁନିକ ଓଡ଼ିଆ ସାହିତ୍ୟ | ୬ | ୧୦୦ | ଆଧୁନିକ ଓଡ଼ିଆ ସାହିତ୍ୟର ପୃଷ୍ଠଭୂମି ଓ ନବଜାଗରଣ ସଂପର୍କରେ ତଥ୍ୟାତ୍ମକ ବିଚାର ପରିପ୍ରେକ୍ଷୀରେ ଇଂରାଜୀ ଶିକ୍ଷାବିସ୍ତାର, ପତ୍ରପତ୍ରିକା ପ୍ରକାଶନ, ମୁଦ୍ରଣ ଯନ୍ତ୍ର ପ୍ରତିଷ୍ଠା, ଭାଷା ସୁରକ୍ଷା ଆନ୍ଦୋଳନ ସଂପର୍କରେ ଛାତ୍ରୀମାନେ ଧାରଣା ପାଇପାରିବେ । ତତ୍‌ସହିତ ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରମୁଖ ସ୍ରଷ୍ଟାମାନଙ୍କ ସଂପର୍କରେ ସର୍ଜନାତ୍ମକ ବିଚାର ପରିପ୍ରେକ୍ଷୀରେ ରାଧାନାଥ ରାୟଙ୍କ କାବ୍ୟ, ଗଙ୍ଗାଧର ମେହେରଙ୍କ କାବ୍ୟ, ମଧୁସୂଦନ ରାଓଙ୍କ କବିତା ଓ ଫକୀରମୋହନ ସେନାପତିଙ୍କ କଥାସାହିତ୍ୟ ଉପନ୍ୟାସ ଓ ଗଳ୍ପ ସଂପର୍କରେ ଛାତ୍ରୀମାନେ ବିବରଣୀ ପାଇପାରିବେ । |
| | C-4 | ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟ | ୬ | ୧୦୦ | ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତା, ଓଡ଼ିଆ କଥାସାହିତ୍ୟ, ନାଟକ ଓ ଏକାଙ୍କିକା ଏବଂ ଓଡ଼ିଆ ଗଦ୍ୟସାହିତ୍ୟ ସଂପର୍କରେ ଛାତ୍ରୀମାନେ ଅବଗତ ହୋଇପାରିବେ । |
| | GE-II | ସାହିତ୍ୟ ଅଧ୍ୟୟନ | ୬ | ୧୦୦ | ଓଡ଼ିଆ ଗଳ୍ପସାହିତ୍ୟ, ଉପନ୍ୟାସ ସାହିତ୍ୟ ଓ ରମ୍ୟରଚନା ସଂପର୍କରେ ଶିକ୍ଷାର୍ଥୀମାନେ ଅବଗତ ହୋଇପାରିବେ । |
| | AECC(O) Arts | ଯୋଗାଯୋଗ ଅନୁବିଧି, ରୀତି ଓ ମାଧ୍ୟମ | ୬ | ୧୦୦ | ଯୋଗାଯୋଗମୂଳକ ମାତୃଭାଷା ସଂପର୍କରେ ଛାତ୍ରୀମାନେ ଅବଗତ ହେବେ । |
| | Science | | ୬ | ୧୦୦ | |
| | Commerce | | ୬ | ୧୦୦ | |
| ତୃତୀୟ ପର୍ଯ୍ୟାୟ | C-5 | ଓଡ଼ିଆ ଭାଷା ଓ ଲିପିର ଐତିହାସିକ ବିକାଶ | ୬ | ୧୦୦ | ଓଡ଼ିଆ ଭାଷାର ଉଦ୍ଭବ ଓ ବିକାଶକ୍ରମ ଏବଂ ଓଡ଼ିଆ ଲିପିର ଐତିହାସିକ ବିବର୍ତ୍ତନ ସହିତ ଓଡ଼ିଆ ଅଭିଲେଖର ଭାଷା, ଚର୍ଯ୍ୟାପଦ ଓ ସାରଳା ସାହିତ୍ୟର ଭାଷା ସଂପର୍କରେ ଛାତ୍ରୀମାନେ ଅବଗତ ହୋଇପାରିବେ । |
| | C-6 | ଭାଷାର ସଜ୍ଞା ସ୍ୱରୂପ, ଓଡ଼ିଆ ଭାଷାର ବୈଶିଷ୍ଟ୍ୟ ଓ ବିବିଧତା | ୬ | ୧୦୦ | ଶିକ୍ଷାର୍ଥୀମାନେ ଓଡ଼ିଆ ଭାଷାର ସଜ୍ଞା, ସ୍ୱରୂପ ଓ ଭାଷା ଉତ୍ପତ୍ତି ସମ୍ବନ୍ଧୀୟ ବିଭିନ୍ନ ସିଦ୍ଧାନ୍ତ ସଂପର୍କରେ ଅବଗତି ହେବା ସହ ବିଭିନ୍ନ ଅଞ୍ଚଳର ଆଞ୍ଚଳିକ ଭାଷା ସହିତ ଓଡ଼ିଆ ଭାଷା ଉପରେ ବିଭିନ୍ନ ଭାଷାର ପ୍ରଭାବ ସଂପର୍କରେ ଜ୍ଞାନ ପାଇପାରିବେ । |
| | C-7 | ଓଡ଼ିଆ ବ୍ୟବହାରିକ ବ୍ୟାକରଣ | ୬ | ୧୦୦ | ଓଡ଼ିଆ ବ୍ୟବହାରିକ ବ୍ୟାକରଣରେ ବର୍ଣ୍ଣବିଚାର, ବାକ୍ୟର ଗଠନରୀତି ସହିତ କାରକ, ବିଭକ୍ତି, କୃଦନ୍ତ, ତଦ୍ଧିତ, ଉପସର୍ଗ, ସନ୍ଧି, ସମାସ ଓ ଓଡ଼ିଆ ଶବ୍ଦସମ୍ଭାର ବିଷୟରେ ଛାତ୍ରୀମାନେ ସୂଚନା ପାଇପାରିବେ । |
| | GE-III | ଗଣମାଧ୍ୟମ, ବେତାରକଳା ଓ ବିଜ୍ଞାପନକଳା | ୬ | ୧୦୦ | ଗଣମାଧ୍ୟମ, ବେତାରକଳା, ବିଜ୍ଞାପନକଳା ଏବଂ ପତ୍ରଲିଖନ ସମ୍ବନ୍ଧରେ ସୂଚନା ପାଇପାରିବେ । |

| ପର୍ଯ୍ୟାୟ | ପାଠ୍ୟକ୍ରମ | ପାଠ୍ୟକ୍ରମ ର ନାମ | କ୍ରେଡିଟ୍ | ମୋଟ ମାର୍କ | କାର୍ଯ୍ୟକ୍ରମ ଫଳାଫଳ |
|---|---|---|---|---|---|
| ଚତୁର୍ଥ ପର୍ଯ୍ୟାୟ | C-8 | ଓଡ଼ିଆ ଲୋକସଂସ୍କୃତି ଓ ଲୋକସାହିତ୍ୟ | ୬ | ୧୦୦ | ଓଡ଼ିଆ ଲୋକସଂସ୍କୃତି ଓ ଲୋକସାହିତ୍ୟ, ଲୋକଗୀତ ଓ ଲୋକନାଟକ ସଂଜ୍ଞା, ସ୍ୱରୂପ ଓ ପ୍ରକାରଭେଦ ସଂପର୍କରେ ଛାତ୍ରୀମାନେ ଜ୍ଞାନ ଅର୍ଜନ କରିପାରିବେ । |
| | C-9 | ସାହିତ୍ୟ ତତ୍ତ୍ୱ (ପ୍ରାଚ୍ୟ ଓ ପାଶ୍ଚାତ୍ୟ) | ୬ | ୧୦୦ | ଶିକ୍ଷାର୍ଥୀମାନେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ତତ୍ତ୍ୱ ସଂପର୍କରେ ଅବଗତ ହେବା ସହିତ ରସ, ଧ୍ୱନୀ, ରୀତି, ବକ୍ରୋକ୍ତି ଓ ବିଭିନ୍ନ ମତବାଦ ସଂପର୍କରେ ଅବଗତ ହୋଇପାରିବେ । |
| | C-10 | ଓଡ଼ିଆ କବିତା (ପ୍ରାଚୀନରୁ ଆଧୁନିକ) | ୬ | ୧୦୦ | ଓଡ଼ିଆ ପ୍ରାଚୀନ କାବ୍ୟଠାରୁ ଆରମ୍ଭ କରି ସାଂପ୍ରତିକ ଆଧୁନିକ କାବ୍ୟ ପର୍ଯ୍ୟନ୍ତ ସମସ୍ତ କାବ୍ୟ ବିଷୟରେ ଛାତ୍ରୀମାନେ ଅବଗତ ହୋଇପାରିବେ । |
| | GE-IV | ସାହିତ୍ୟ ଅଧ୍ୟୟନ | ୬ | ୧୦୦ | ଓଡ଼ିଆ ଗଳ୍ପସାହିତ୍ୟ, ଉପନ୍ୟାସ ସାହିତ୍ୟ ଓ ରମ୍ୟରଚନା ସଂପର୍କରେ ଶିକ୍ଷାର୍ଥୀମାନେ ଅବଗତ ହୋଇପାରିବେ । |
| ପଞ୍ଚମ ପର୍ଯ୍ୟାୟ | C-11 | ଓଡ଼ିଆ ନାଟକ ଓ ଏକାଙ୍କିକା | ୬ | ୧୦୦ | ଓଡ଼ିଆ ସାମାଜିକ, ଐତିହାସିକ ଓ ରାଜନୈତିକ ନାଟକ ଏବଂ ଏକାଙ୍କିକା ସଂପର୍କରେ ଶିକ୍ଷାର୍ଥୀମାନେ ଜ୍ଞାନ ଉପଲବ୍ଧି କରିପାରିବେ । |
| | C-12 | ଓଡ଼ିଆ କଥାସାହିତ୍ୟ | ୬ | ୧୦୦ | ଓଡ଼ିଆ କଥାସାହିତ୍ୟର ବିକାଶକ୍ରମରେ ଗଳ୍ପ ଓ ଉପନ୍ୟାସର ସଜ୍ଞା, ସ୍ୱରୂପ ଓ ପ୍ରକାରଭେଦ ସହିତ ବିକାଶଧାରା ସଂପର୍କରେ ମଧ ଛାତ୍ରୀମାନେ ଅବଗତ ହୋଇପାରିବେ । |
| | DSE-I | ଓଡ଼ିଶାର ସାଂସ୍କୃତିକ ଇତିହାସ ଓ ଓଡ଼ିଆ ସାହିତ୍ୟ | ୬ | ୧୦୦ | ଓଡ଼ିଶାର ସାଂସ୍କୃତିକ ଇତିହାସରେ ବୌଦ୍ଧସଂସ୍କୃତି, ଶୈବସଂସ୍କୃତି, ବୈଷ୍ଣବସଂସ୍କୃତି, ଆଦିବାସୀସଂସ୍କୃତି ତଥା ଓଡ଼ିଆ ଓଷାବ୍ରତ ଓ ପର୍ବପର୍ବାଣୀ ସଂପର୍କରେ ଶିକ୍ଷାର୍ଥୀମାନେ ବିଶେଷ ଧାରଣା ପାଇପାରିବେ । |
| | DSE-II | ଓଡ଼ିଆ ଶିଶୁସାହିତ୍ୟ ଓ ବିଜ୍ଞାନଭିତ୍ତିକ ସାହିତ୍ୟ | ୬ | ୧୦୦ | ଶିଶୁସାହିତ୍ୟର ସଜ୍ଞା, ସ୍ୱରୂପ, ପ୍ରକାରଭେଦ ଓ ବିକାଶଧାରା ଏବଂ ବିଜ୍ଞାନଭିତ୍ତିକ ସାହିତ୍ୟର ସଜ୍ଞା, ସ୍ୱରୂପ ଓ ବିକାଶଧାରା ସଂପର୍କରେ ସବିଶେଷ ଜ୍ଞାନ ଆହରଣ କରିପାରିବେ । |
| ଷଷ୍ଠ ପର୍ଯ୍ୟାୟ | C-13 | ଓଡ଼ିଆ ଗଦ୍ୟସାହିତ୍ୟ | ୬ | ୧୦୦ | ଓଡ଼ିଆ ଗଦ୍ୟସାହିତ୍ୟ ମଧ୍ୟରେ ଆତ୍ମଜୀବନୀ, ଭ୍ରମଣକାହାଣୀ, ସମାଲୋଚନା ତତ୍ତ୍ୱ ଓ ପ୍ରବନ୍ଧର ସଜ୍ଞା, ସ୍ୱରୂପ ଓ ପ୍ରକାରଭେଦ ସଂପର୍କରେ ଛାତ୍ରୀମାନେ ଜ୍ଞାନ ଆହରଣ କରିପାରିବେ । |
| | C-14 | ଓଡ଼ିଆ ଭାଷାର ବ୍ୟବହାରିକ ପ୍ରୟୋଗ | ୬ | ୧୦୦ | ଓଡ଼ିଆ ଭାଷାରେ ଭାଷଣକଳା, ଦଳଗତ ଆଲୋଚନା, ସାକ୍ଷାତକାର, ସମ୍ବାଦ ପ୍ରସ୍ତୁତି, ବିଜ୍ଞାପନ ପ୍ରସ୍ତୁତି ଏବଂ ବିଭିନ୍ନ ପ୍ରକାର ଓଡ଼ିଆ ଲିଖନବିଧି ସଂପର୍କରେ ଧାରଣା ପାଇପାରିବା ସହିତ ଆମର ଦୈନନ୍ଦିନ ଜୀବନରେ ଓଡ଼ିଆ ଭାଷାର କମ୍ପ୍ୟୁଟରୀକରଣ, ସଫ୍ଟୱେର ଓ ହାଡ଼ୱେର ସଂପର୍କରେ ଶିକ୍ଷାର୍ଥୀମାନେ ଧାରଣା ପାଇପାରିବେ । |
| | DSE-III | ଓଡ଼ିଆ ପଦ୍ୟସାହିତ୍ୟ | ୬ | ୧୦୦ | ଓଡ଼ିଆ ପଦ୍ୟସାହିତ୍ୟ, କ୍ଷୁଦ୍ରଗଳ୍ପ, ପ୍ରବନ୍ଧ ଓ ସମାଲୋଚନା ଏବଂ ଉପନ୍ୟାସ ସଂପର୍କରେ ଛାତ୍ରୀମାନେ ଅବଗତ ହୋଇପାରିବେ । |
| | DSE-IV | ପ୍ରବନ୍ଧ ପ୍ରସ୍ତୁତି ଓ ଉପସ୍ଥାପନା | ୬ | ୧୦୦ | ପ୍ରକଳ୍ପ ପ୍ରସ୍ତୁତି ଓ ଉପସ୍ଥାପନା । |
| | | ମୋଟ | ୧୫୦ | ୨୫୦୦ | |

## କାର୍ଯ୍ୟକ୍ରମର ନିଷ୍କର୍ଷ

- ଆମ ମହାବିଦ୍ୟାଳୟର ଛାତ୍ରୀମାନେ ଓଡ଼ିଆ ଲୋକସଂସ୍କୃତି, ଲୋକସାହିତ୍ୟ, ଲୋକଗୀତ ଓ ଲୋକନାଟକ ସମ୍ପର୍କରେ ଜ୍ଞାନ ଅର୍ଜନ କରିପାରିବେ ।
- ଶିକ୍ଷାର୍ଥୀମାନେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ତତ୍ତ୍ୱ ସଂପର୍କରେ ଅବଗତ ହୋଇପାରିବେ ।
- ଶିକ୍ଷାର୍ଥୀମାନେ ଓଡ଼ିଆ ସାମାଜିକ ବ୍ୟବସ୍ଥା, ଐତିହାସିକ ତଥ୍ୟ, ରାଜନୈତିକ ବ୍ୟବସ୍ଥା ସମ୍ପର୍କରେ ଜ୍ଞାନ ଉପଲବ୍ଧି କରିପାରିବେ ।
- ଶିକ୍ଷାର୍ଥୀମାନେ ଓଡ଼ିଆ ପ୍ରବନ୍ଧ, ପଦ୍ୟସାହିତ୍ୟ, ଗଦ୍ୟସାହିତ୍ୟ, ଉପନ୍ୟାସ ସାହିତ୍ୟ, ସମାଲୋଚନା, କ୍ଷୁଦ୍ରଗଳ୍ପ ସଂପର୍କରେ ସଂପୂର୍ଣ୍ଣ ଭାବରେ ଜ୍ଞାନ ଆହରଣ କରିପାରିବେ ।

# ନାମ ଲେଖାଇଥିବା ବିଦ୍ୟାର୍ଥୀଙ୍କ ସୂଚନା

## ମୋଟ ଛାତ୍ରୀଙ୍କର ନିର୍ଦ୍ଧାରିତ ସଂଖ୍ୟା - ୩୨ ଜଣ

| ବର୍ଷ | +୩ ପ୍ରଥମ ବର୍ଷ (ସମ୍ମାନ) | | +୩ ଦ୍ୱିତୀୟ ବର୍ଷ (ସମ୍ମାନ) | | +୩ ତୃତୀୟ ବର୍ଷ (ସମ୍ମାନ) | |
|---|---|---|---|---|---|---|
| | ପ୍ରଥମ ପର୍ଯ୍ୟାୟ | ଦ୍ୱିତୀୟ ପର୍ଯ୍ୟାୟ | ତୃତୀୟ ପର୍ଯ୍ୟାୟ | ଚତୁର୍ଥ ପର୍ଯ୍ୟାୟ | ପଞ୍ଚମ ପର୍ଯ୍ୟାୟ | ଷଷ୍ଠ ପର୍ଯ୍ୟାୟ |
| ୨୦୧୮-୧୯ | ୩୨ | ୩୧ | ୩୦ | ୩୦ | ୨୮ | ୨୮ |
| ୨୦୧୯-୨୦ | ୩୦ | ୨୭ | ୨୫ | ୨୫ | ୨୫ | ୨୫ |
| ୨୦୨୦-୨୧ | ୨୫ | ୨୫ | ୨୩ | ୨୩ | ୨୩ | ୨୩ |
| ୨୦୨୧-୨୨ | ୨୭ | ୨୬ | ୨୬ | ୨୬ | ୨୩ | ୨୨ |
| ୨୦୨୨-୨୩ | ୧୮ | ୧୮ | ୧୬ | ୧୫ | ଶିକ୍ଷାଦାନ କ୍ରମଶଃ | |
| ୨୦୨୩-୨୪ | ୨୮ | ୨୮ | ଶିକ୍ଷାଦାନ କ୍ରମଶଃ | | | |

# ବିଦ୍ୟାର୍ଥୀଙ୍କ ପରୀକ୍ଷାଫଳର ସୂଚନା

| ବର୍ଷ | ପରୀକ୍ଷା ଦେଇଥିବା ଶିକ୍ଷାର୍ଥୀଙ୍କ ସଂଖ୍ୟା | ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଶିକ୍ଷାର୍ଥୀଙ୍କ ସଂଖ୍ୟା |
|---|---|---|
| ୨୦୧୯-୨୦ | ୨୮ | ୨୪ |
| ୨୦୨୦-୨୧ | ୨୫ | ୧୬ |
| ୨୦୨୧-୨୨ | ୨୯ | ୨୬ |
| ୨୦୨୨-୨୩ | ୨୫ | ୧୮ |
| ୨୦୨୩-୨୪ | ୨୩ | ୨୧ |

# ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ



ସ୍ୱାଗତ ସମ୍ବର୍ଦ୍ଧନା



ଗୁରୁ ଦିବସ




ପାଠ୍ୟଭ୍ରମଣ




ପାଠଚକ୍ର



ବିଦାୟ ସମ୍ବର୍ଦ୍ଧନା

# କୃତୀଛାତ୍ରୀଙ୍କ ସଫଳତା







28TH JUNIOR (GIRLS)
STATE HANDBALL CHAMPIONSHIP
17TH & 18TH NOVEMBER2023, KEONJHAR

SL. NO.- 13

*Organised by :*

**DISTRICT HANDBALL ASSOCIATION, KEONJHAR**

(Under the aegis of Odisha State Handball Association)

**CERTIFICATE OF MERIT**

Certified th... SIBANI SAHU

Daughter of... PR... P SAHU ... Of ... GANJAM ... District

participated as a pl... ...fficial in 28th Junior (Girls) State Handball Championship held at Keonjhar and has been awarded as Champion/Runner's Up

Biplab Choudhuri
President
Odisha State Handball Association

Organising Secretary

Manash Ku. Singh
Hony Secretary
Odisha State Handball Association



**51st SENIOR WOMEN'S NATIONAL HANDBALL CHAMPIONSHIP-2023**

From 15th March to 19th March 2023 at VARANASI, UTTAR PRADESH

HAI HANDBALL

ORGANISED BY:

**UTTAR PRADESH HANDBALL ASSOCIATION**

(Under the Aegis of HANDBALL ASSOCIATION INDIA)

S. No.: 308

*Certificate* of Participation

Certified that Ms. BARSHA SETHY

Daughter of Sh. ABHIRAM SETHY

of ODISHA State/U.T Participated

as a Player/Official in the 51st Senior Women's National Handball Championship at Varanasi, Uttar Pradesh

A. Jaganmohan Rao, President, HANDBALL ASSOCIATION INDIA

Dr. Anandeshwar Pandey, General Secretary, U.P. HANDBALL ASSOCIATION

Amit Pandey, Organising Secretary, VARANASI HANDBALL ASSOCIATION

Dr Tejraj Singh, Secretary General, HANDBALL ASSOCIATION INDIA

# ସମ୍ବଳ, ଦୁର୍ବଳତା, ସୁଯୋଗ ଓ ଆହ୍ବାନର ବିଶ୍ଳେଷଣ

## ସମ୍ବଳ :-

- ବିଭାଗୀୟ ଅଧ୍ୟାପକ/ଅଧ୍ୟାପିକା ଓ ଶିକ୍ଷାର୍ଥୀମାନେ ହେଉଛନ୍ତି ବିଭାଗର ମୁଖ୍ୟ ସମ୍ବଳ ।
- ଶିକ୍ଷାର୍ଥୀମାନଙ୍କୁ ଅଭିଜ୍ଞତା ପୂର୍ଣ୍ଣ ଅଧ୍ୟାପକ/ଅଧ୍ୟାପିକା ମାନେ ମନସ୍ତତ୍ତ୍ୱକୁ ଜାଣିପାରି ଶିକ୍ଷା ପ୍ରଦାନ କରିବା ।

## ଦୁର୍ବଳତା :-

- ଅଧିକାଂଶ ଶିକ୍ଷାର୍ଥୀମାନେ ସାମାଜିକ ଓ ଅର୍ଥନୈତିକ ଦୃଷ୍ଟିକୋଣରୁ ଦୁର୍ବଳଶ୍ରେଣୀର ହୋଇଥିବାରୁ ଶିକ୍ଷାପ୍ରତି ଗୁରୁତ୍ୱପ୍ରଦାନ ନ କରିବା ।
- ଗମନାଗମନ ଓ ପରିବହନ ଯଥେଷ୍ଟ ସୁବିଧା ନଥିବା ଯୋଗୁଁ ଛାତ୍ରୀମାନଙ୍କର ଶ୍ରେଣୀ ଉପସ୍ଥାପନା ଅନ୍ୟତମ ଦୁର୍ବଳ ବୋଲି ମନେହୁଏ ।

## ସୁଯୋଗ :-

- ଓଡ଼ିଆ ବିଭାଗରେ ଶିକ୍ଷାଲାଭ କରି ଶିକ୍ଷାର୍ଥୀମାନେ ଓଡ଼ିଆ ଭାଷାର ପ୍ରଚାର ଏବଂ ପ୍ରସାର କରିପାରିବେ ।
- ଶିକ୍ଷାର୍ଥୀମାନେ ଓଡ଼ିଆ ବିଭାଗରୁ ଓଡ଼ିଆ ଭାଷାରେ ଶିକ୍ଷାଗ୍ରହଣ କରି ଏକ ଉଚ୍ଚକୋଟୀର କବି, ପ୍ରାବନ୍ଧିକ, ଔପନ୍ୟାସିକ ତଥା ସମାଲୋଚକରେ ପରିଣତ ହୋଇପାରିବେ ।

## ଆହ୍ୱାନ :-

- ଆଧୁନିକତାର ଶୈଳୀ ଦିଗରେ ଅଗ୍ରସର ହୋଇଥିବା ବର୍ତ୍ତମାନର ସମୟରେ ଓଡ଼ିଆ ଭାଷା ଓ ସାହିତ୍ୟରେ ଶିକ୍ଷାର୍ଥୀମାନଙ୍କର ରୁଚି ହ୍ରାସ ହେବା ।
- ଶିକ୍ଷାର୍ଥୀମାନଙ୍କୁ ବର୍ତ୍ତମାନ ସମାଜରେ ଓଡ଼ିଆ ଭାଷାରେ ଗୁଢ଼ତତ୍ତ୍ୱ ଆରୋହଣ ପୂର୍ବକ ନିଜକୁ ଶ୍ରେଷ୍ଠ ପ୍ରତିପାଦିତ କରିବା ।

# ଜାତୀୟ ଶିକ୍ଷାନୀତି-୨୦୨୦ର କାର୍ଯ୍ୟକାରିତା

- ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ଜାତୀୟ ଶିକ୍ଷାନୀତି-୨୦୨୦ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।
- ଶିକ୍ଷାକୁ ଅଧିକ ଅନ୍ତର୍ଭୁକ୍ତ, ସମାନତା ଏବଂ ସାମଗ୍ରିକ କରିବାକୁ ଏହି ନୀତିର ଲକ୍ଷ୍ୟ ରହିଛି ।
- ଏହା ଏକବିଂଶ ଶତାବ୍ଦୀର ଦକ୍ଷତାର ବିକାଶ ଉପରେ ଧ୍ୟାନ ଦେଇଥାଏ, ଯେପରିକି ସମାଲୋଚନାକାରୀ ଚିନ୍ତାଧାରା, ସୃଜନଶୀଳତା ଏବଂ ସମସ୍ୟାର ସମାଧାନ ।

# ବିଭାଗର ଭବିଷ୍ୟତ ଲକ୍ଷ୍ୟ

- ଆଗାମୀ ଦିନରେ ଓଡ଼ିଆ ବିଭାଗ ଜାତୀୟ ଶିକ୍ଷାନୀତିକୁ ନିଷ୍ଠାର ସହ ଅନୁସରଣ କରିବା ।
- ଭବିଷ୍ୟତରେ ବିଭାଗୀୟ ପାଠଚକ୍ରକୁ ଅଧିକ ସୁଦୃଢ଼ କରି ବିଦ୍ୟାର୍ଥୀମାନଙ୍କୁ ପ୍ରୋତ୍ସାହିତ କରିବା ।
- ଶିକ୍ଷାର୍ଥୀଙ୍କ ମାଧ୍ୟମରେ ଓଡ଼ିଆ ଭାଷା ସାହିତ୍ୟକୁ ଭାରତବର୍ଷରେ ଏକ ନୂତନ ପରିଚୟ ପ୍ରଦାନ କରିବା ।

* ଧନ୍ୟବାଦ *